ଧରିତ୍ରୀ
DHARITRI
ସୋମବାର, ଡିସେମ୍ବର ୭, ୨୦୨୦



**ପାଥୋଲ୍ୟାବରେ ମହିଳାଙ୍କୁ ଅସଦାଚରଣ ଅଭିଯୋଗ**

ବାଲିଗୁଡ଼ା,(ଡି.ଏନ୍.ଏ.)-ବାଲିଗୁଡ଼ା କାଳୀ ମନ୍ଦିର ଛକ ନିକଟରେ ଥିବା ଏକ ପାଥୋଲାବରେ ଜଣେ ମହିଳାଙ୍କୁ ଡାକ୍ତର ଅସଦାଚରଣ କରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ମହିଳାଙ୍କ ଏତଲାକୁ ଭିତ୍ତି କରି ବାଲିଗୁଡ଼ା ପୋଲିସ ନଂ.୨୩୧/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏସ୍ଆଇ ରଚିତା ମାଡକାମୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମହିଳାଙ୍କର ସ୍ୱାସ୍ଥ୍ୟ ଖରାପ ଥିବାରୁ ସେ ଉକ୍ତ ପାଥୋଲାବକୁ ଯାଇଥିଲେ। ସେଠାରେ ଡାକ୍ତର ଚିକିତ୍ସା କରିବା ବାହାନାରେ ମହିଳାଙ୍କୁ ତାଙ୍କ ପାଥୋଲାବ ଭିତରେ ଥିବା ରୁମକୁ ଡାକି ନେଇ ଅସଦାଚରଣ କରିଥିଲେ। ସମ୍ପୃକ୍ତା ମହିଳା ବିରୋଧ କରିବା ସହ ବାହାରକୁ ଆସି ପରିବାର ଲୋକଙ୍କୁ ସବୁକଥା କହିଥିଲେ। ଏ ନେଇ ପରିବାର ଓ ଡାକ୍ତରଙ୍କ ମଧ୍ୟରେ ବଚସା ହେବା ପରେ ସେମାନେ ପୋଲିସକୁ ଜଣାଇଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟାକଲେ ସ୍ୱାମୀ

ଫୁଲବାଣୀ ଅଫିସ,୬।୧୨- କନ୍ଧମାଳ ଜିଲା ଖଜୁରିପଡା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଧାରୁଆ ଅସ୍ତ୍ରରେ ହାଣି ସ୍ତ୍ରୀଙ୍କୁ ହତ୍ୟା କରିଛି ସ୍ୱାମୀ। ଏହି ଘଟଣାରେ ଫୁଲବାଣୀ ଟାଉନଥାନା ପୋଲିସ ମଙ୍ଗଳାସାହିର ସଞ୍ଜୟ ନାୟକଙ୍କୁ ଗିରଫ କରିଛି। ମୃତକ ହେଲେ ଲକ୍ଷ୍ମୀ ନାୟକ। ସଞ୍ଜୟ ଓ ସ୍ତ୍ରୀ ଲକ୍ଷ୍ମୀଙ୍କ ମଧ୍ୟରେ ଶନିବାର ରାତିରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା। ରାଗିଯାଇ ସଞ୍ଜୟ ଏକ ଧାରୁଆ ଅସ୍ତ୍ରରେ ଲକ୍ଷ୍ମୀଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଜୁରିପଡା ମେଡିକାଲ ଓ ପରେ ଫୁଲବାଣୀ ସ୍ଥାନାନ୍ତର କରାଯାଇଥିଲା। ରବିବାର ତାଙ୍କୁ ମୃତ୍ୟୁ ଘଟିଛି। ନଂ.୧୧୭/୨୦ରେ ମାମଲା ରୁଜୁ ହୋଇଛି।

### ଆମ୍ବେଡକରଙ୍କ ତିରୋଧାନ ଦିବସ

ପାରଳାଖେମୁଣ୍ଡି,୬।୧୨(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ଠାରେ ଆଦିବାସୀ, ହରିଜନ ଓ ଓବିସି ଛାତ୍ର ସଙ୍ଗଠନ ଦ୍ୱାରା ଭୀମରାଓ ଆମ୍ବେଡକରଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଛାତ୍ରସଂସଦ ସଭାପତି ବାଣୀ ପ୍ରସାଦ ମାଳିଙ୍କ ନେତୃତ୍ୱରେ ବହୁ ଛାତ୍ର ବାଇକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହ ନୂଆ ବସ୍‌ଷ୍ଟାଣ୍ଡ ଓ ହସ୍ପିଟାଲ ରାସ୍ତାରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# କ୍ଷମତାର ଅପବ୍ୟବହାର କରୁଥିଲେ ପ୍ରଦୀପ

ବ୍ରହ୍ମପୁର ଅଫିସ,୬।୧୨

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ କ୍ଷମତାର ଅପବ୍ୟବହାର କରି ବିଭିନ୍ନ ଦୁର୍ନୀତି ଓ ବେଆଇନ କାର୍ଯ୍ୟରେ ଲିପ୍ତ ରହିଛନ୍ତି। ଏ ନେଇ ରବିବାର କୁକୁଡ଼ାଖଣ୍ଡିସ୍ଥିତ ବଉଳଝୋଲିଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଜିଲା କଂଗ୍ରେସ ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଏହା କହିଛନ୍ତି।

ସେ ଆହୁରି କହିଛନ୍ତି, ୨୦୦୪ରେ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ହେବା ପରେ କ୍ଷମତାର ଅପବ୍ୟବହାର କରିଥିଲେ। ଏହାପରେ ସେ ବିଜେଡିରୁ ଟିକଟ ପାଇ ଗୋପାଳପୁର ନିର୍ବାଚନ ମଣ୍ଡଳୀରୁ ବିଜୟୀ ହେବା ପରେ ଖଣିଠାରୁ ଆରମ୍ଭ କରି ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହି ବହୁ କୋଟି ଟଙ୍କା ହରିଲୁଟ୍ କରିଛନ୍ତ, ଯାହାର କେଳେଙ୍କାରୀ ବର୍ତ୍ତମାନ ପଦାକୁ ଆସିଛି। ଏଥିରେ କେତେକ ବିଭାଗ ଓ ବ୍ଲକ ଅଧ୍ୟକ୍ଷ ସହଯୋଗ କରିଥିବା ରମେଶ କହିଛନ୍ତି। ଏଥିସହ ସୋରଡ଼ା ଅଞ୍ଚଳରେ ଆଦିବାସୀ ଓ ଦଳିତଙ୍କ ୧୧୧ ଏକର ଜମି ଓ ଜଙ୍ଗଲ ବିଭାଗ ଜମିକୁ ଜବରଦଖଲ କରି ରଖିଛନ୍ତି। ସେହିପରି ବ୍ରହ୍ମପୁର ସହର ଉପକଣ୍ଠ ଲୋଚାପଡ଼ା ପଞ୍ଚାୟତ ଶକ୍ତିନଗର ଓ ବ୍ରଜନଗର ଅଞ୍ଚଳରେ ରାସ୍ତା କାମ ନାମରେ ସରକାରୀ ଅର୍ଥକୁ ବେଆଇନ ଭାବେ ଖର୍ଚ୍ଚ କରିଛନ୍ତି। ସେହିଭଳି ସହରର କୋର୍ଟପେଟା ଛକରେ ଜଣେ ନିରୀହ ଲୋକଙ୍କ ଜମିକୁ ଡ଼ରାଇ ହାତେଇଛନ୍ତି। ସେହିପରି ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରାପଲ୍ଲୀଠାରେ ମୋରମ୍ ପାହାଡ଼ ଓ କାଙ୍କଡ଼ା ପାହାଡ଼ରୁ ବେଆଇନ ଭାବେ ମୋରମ୍ ବିକ୍ରି କରିବାରେ ପ୍ରଦୀପଙ୍କ ସମ୍ପୃକ୍ତି ଥିବା ଜେନା ଅଭିଯୋଗ କରିଛନ୍ତି। ରମେଶ ଜେନାଙ୍କ ନାମରେ ହୋଇଥିବା ୫୪ ମାମଲାରେ ପ୍ରଦୀପଙ୍କ ସମ୍ପୃକ୍ତି ଅଛି ବୋଲି ରମେଶ ଅଭିଯୋଗ କରିଛନ୍ତି।



ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କଂଗ୍ରେସ କର୍ମୀ।

**ସାନଖେମୁଣ୍ଡି ବିଧାୟକଙ୍କ ଅଭିଯୋଗ**

ବର୍ତ୍ତମାନ ପ୍ରଦୀପଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଏଭଳି ପଦକ୍ଷେପ ବହୁତ୍ ଆଗରୁ ନେବାର ଥିଲା। ଡ଼େରିରେ ହେଲେ ବି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଠିକ୍ ପଦକ୍ଷେପ ଗ୍ରହଣ କରାଯାଇଛି। ଅନ୍ୟପଟେ ଜିଲାରେ କଂଗ୍ରେସ ଗଡ଼କୁ ପୁଣି ଥରେ ଫେରାଇ ଆଣିବା ପାଇଁ ଉଦ୍ୟମ ଜାରି ରହିଛି। ଦଳ ଭିତରେ କୌଣସି ଗୋଷ୍ଠୀ କନ୍ଦଳ ନାହିଁ। ଜିଲା କଂଗ୍ରେସ ସଭାପତି ପଦବୀ ମିଳିବା ପରେ ଦଳୀୟ ସାଂଗଠନିକ କାର୍ଯ୍ୟ ଜାରି ରହିଛି। ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବା ନିମନ୍ତେ ସମସ୍ତ ପ୍ରୟାସ ଜାରି ରହିବ ବୋଲି ରମେଶ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଧର୍ମରାଜୁ ରେଡ୍ଡୀ, ବିଜୟ କୁମାର ସାହୁ, ଆର୍.କେ.ଦେଓ ଏବଂ ସୁବାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ୨୩.୨୧ ଲକ୍ଷ ଟଙ୍କା ଜିଏସ୍‌ଟି ଆଦାୟ

ବ୍ରହ୍ମପୁର ଅଫିସ,୬।୧୨

**ତାମିଲନାଡୁରୁ ବ୍ରହ୍ମପୁର ସୁନା ଚାଲାଣ ଘଟଣା**

ବ୍ରହ୍ମପୁର ଗୋଷାଣୀ ନୂଆଗାଁ ପୋଲିସ ଶନିବାର ଅନ୍ଧପସରା ରୋଡ଼ରେ ଗାଡିମୋଟର ଯାଞ୍ଚବେଳେ ଏକ କାର୍‌ରୁ ୪କେଜି ସୁନା ଓ ୨୩୫ କେଜି ରୁପା ଅଳଙ୍କାର ଜବତ କରିଥିଲା। ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ଅଟକ ରଖିବା ସହ କାର ଜବତ କରିଥିଲା। ଏନେଇ ପୋଲିସ ସେଲ୍ ଟ୍ୟାକ୍ସର ଜିଏସ୍‌ଟି ବିଭାଗକୁ ଖବର ଜଣାଇଥିଲା। ଗହଣା ଚାଲାଣକାରୀମାନେ କେତେ ଟଙ୍କାର ଟିକସ ଫାଙ୍କିଥିଲେ ତାହାର ତଦନ୍ତ ଜିଏସଟି ବିଭାଗ କରିଥିଲା। ହିସାବ ପରେ ୨୩ ଲକ୍ଷ ୨୧ହଜାର ୬୬୬ ଟଙ୍କାର ଟିକସ ଫାଙ୍କିଥିବା ଜଣାପଡିଥିଲା। ରବିବାର ସେମାନେ ଉକ୍ତ ଟିକସ ଟଙ୍କା ପୈଠ କରିଥିଲେ ବୋଲି ଗୋଷାଣୀ ନୂଆଗାଁ ଥାନା ଅଧିକାରୀ ସୁମିତ ସୋରେନ ସୂଚନା ଦେଇଛନ୍ତି। ଟିକସ ପୈଠ ପରେ ସେମାନେ ଉକ୍ତ ସୁନା ଓ ରୁପା ସାମଗ୍ରୀ ନେଇଯାଇଥିବା ସୋରେନ କହିଛନ୍ତି।

# ପରୀ ହତ୍ୟାକୁ ନେଇ ତେଜୁଛି ରାଜନୀତି

ବ୍ରହ୍ମପୁର ଅଫିସ, ୬।୧୨

ରାଜ୍ୟରେ ଏବେ ପରୀ ହତ୍ୟା ଘଟଣା ଚର୍ଚ୍ଚର କେନ୍ଦ୍ରବିନ୍ଦୁ ପାଲଟିଛି । ଗାଁଠାରୁ ସହର ସମସ୍ତଙ୍କ ନଜର ରହିଛି ନୟାଗଡ ଶିଶୁ ପରୀକୁ କିପରି ଭାବେ ନ୍ୟାୟମିଳିବ। ସେଥିପାଇଁ ସମସ୍ତ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ପ୍ରତିବାଦ କରିବା ସହିତ ସରକାରଙ୍କୁ କାଠଗଡାକୁ ଟାଣିଛନ୍ତି। ଏହି ଘଟଣାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ। ପରୀ ମୃତ୍ୟୁ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଏସ୍ଆଇଟି ମୁଖ୍ୟ ଅରୁଣ ବୋଥ୍ରା କହିଛନ୍ତି, ଖୁବ୍ ଶିଘ୍ର ଏହି ଘଟଣାର ପଦା ଫାର୍ସ କରାଯିବ।

ସୁଚାନାଥାଉକି, ନୟାଗଡ ଜିଲା ଯଦୁପୁର ଗ୍ରାମରେ ଶିଶୁ କନ୍ୟା ପରୀକୁ ଜୁଲାଇ ୧୪ ତାରିଖରେ ଅପହରଣ ପରେ ହତ୍ୟା କରାଯାଇଥିଲା । ଏହି ଘଟଣା ରାଜ୍ୟ ରାଜନୀତିକୁ ଉଷ୍ମ କରିଛି । ଭାଜପା ରାଜ୍ୟ ସମ୍ପାଦିକା ବବିତା ପାତ୍ର କୁହନ୍ତି, ପରୀ ହତ୍ୟା ଘଟଣାରେ ଯେଉଁମାନେ ସଂଶ୍ଳିଷ୍ଟ ସେମାନଙ୍କୁ ରାଜ୍ୟ ସରକାର ଯାଥା ଶିଘ୍ର ଗରିଫ କରନ୍ତୁ । ଯଦି ଏହି ଘଟଣାର ତଦନ୍ତ ଠିକ୍ ଦିଗରେ ନ ହୁଏ ତାହେଲେ ଭାରତୀୟ ଜନତା ପାର୍ଟି ରାଜରାସ୍ତାକୁ ଓହ୍ଲାଇବ ।

ଗଞ୍ଜାମ ଜିଲା କଂଗ୍ରେସ ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ଦିନକୁ ଦିନ ଯେଉଁଭଳି ଭାବେ ନାରୀମାନଙ୍କ ଉପରେ ନିର୍ଯାତନା ବଢିଚାଲିଛି ତାହା ଏବେ ଚିନ୍ତାର ବିଷୟ । ଏମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ସାମାଜିକକର୍ମୀ ବିଭୁପ୍ରସାଦ ସାହୁ ପରୀକୁ କିପରି ହତ୍ୟା କରାଗଲା ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ। ଶିଶୁ ମାନଙ୍କ ପ୍ରତି ହିଂସା ଦିନକୁ ଦିନ ବଢିଚାଲିଛି । ଆମ ସରକାର ଏମାନଙ୍କ ସରକ୍ଷାକୁ ପ୍ରାଥମିକତା ଦେବା ଦରକାର ।

# ଦିଗପହଣ୍ଡି ସହରକୁ ପଶିଲେ ୧୨ ହାତୀ

ଦିଗପହଣ୍ଡି,୬।୧୨(ଡି.ଏନ.ଏ.)

ଦିଗପହଣ୍ଡି ସହର ନିମପଲ୍ଲୀ ଗ୍ରାମଠାରେ ଘୋଡ଼ା ହାଡ଼ ଡ୍ୟାମ ମୁଖ୍ୟ ରାସ୍ତା ଅତିକ୍ରମ କରି ରବିବାର ରାତିରେ ୧୨ ହାତୀ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର କୋଠା ନିକଟରେ ରହିଥିବା ସୂଚନା ମିଳିଛି। ଏଥିରେ ଗୋଟିଏ ଦନ୍ତାହାତୀ ସମେତ ୫ ମାଇ ହାତୀ ଏବଂ ୬ ଟି ଛୁଆ ହାତୀ ଥିବା ଦିଗପହଣ୍ଡି ଡେପୁଟି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ କହିଛନ୍ତି।

**୨ ହାତୀ ଟ୍ରାକରଙ୍କ ସମେତ ୧୪ ବନ କର୍ମଚାରୀ ମୁତୟନ**

ବନପାଳ କମଳ ପାତ୍ରଙ୍କ ନେତୃତ୍ୱରେ ତାଲିମ ପ୍ରାପ୍ତ ୨ ହାତୀ ଟ୍ରାକରଙ୍କ ସମେତ ୧୬ ଜଣ ବନକର୍ମଚାରୀଙ୍କୁ ହାତୀ ଘଉଡାଇବା କାର୍ଯ୍ୟରେ ନିୟୋଜିତ କରାଯାଇଛି। ରବିବାର ଭୋର୍‌ରୁ ଏହି ହାତୀପଲ ପାଟପୁର ନିକଟ ରତନେଇ ସଂରକ୍ଷିତ ଜଙ୍ଗଲରୁ ଟାଙ୍ଗୁଡିଦେଇ ପାହାଡକୁ ଆସିଛନ୍ତି। ହାତୀପଲ ଆସିବାରୁ ନିମପଲ୍ଲୀ ଗ୍ରାମବାସୀଙ୍କୁ ରାତିରେ ଘରୁ ନ ବାହାରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ହାତୀଙ୍କ ଗତିବିଧି ଅନୁସାରେ ରାସ୍ତାର ବିଦ୍ୟୁତ୍ ସରବରାହ ବନ୍ଦ ରଖାଯିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ହାତୀପଲ ଯଦି ଦିଗପହଣ୍ଡି ପୁଡ଼ାମାରୀ, ଚିକିଟି ମୁଖ୍ୟରାସ୍ତା ଅତିକ୍ରମ କରିବାକୁ ଆସନ୍ତି ତେବେ ରାତିସାରା ବିଦ୍ୟୁଦ୍ ବନ୍ଦ କରାଯିବ। ଫଳରେ ମୌଳାଭଞ୍ଜାରୁ ଦିଗପହଣ୍ଡି ସହରକୁ ପାନୀୟ ଜଳଯୋଗାଣ ମଧ୍ୟ ବ୍ୟାହତ ହେବାର ଆଶଙ୍କା ରହିଛି। ହାତୀପଲ ଫସଲ ନଷ୍ଟ କରିବା ଆଶଙ୍କା ଥିବାରୁ ସମ୍ପୃକ୍ତ ଅଞ୍ଚଳର ଚାଷୀ ବୃନ୍ଦ ଛାନିଆ ହୋଇଥିବା ଜଣାପଡ଼ିଛି।



ସହର ଭିତରକୁ ପଶୁଛନ୍ତି ହାତୀପଲ ।

# ପରୀ, ପ୍ରମୋଦିନୀ ହତ୍ୟା ପ୍ରତିବାଦରେ ବିକ୍ଷୋଭ

ଦିଗପହଣ୍ଡି, ୬।୧୨(ଡି.ଏନ.ଏ.)

ଦିଗପହଣ୍ଡିରେ ଭାଜପା ପକ୍ଷରୁ ରବିବାର ବିକ୍ଷୋଭ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୁଞ୍ଜିକିଆଁ ଛକଠାରେ ପରୀ ହତ୍ୟାକାଣ୍ଡ ସମେତ କେ. ନୂଆଗାଁ ଥାନା ଦେଓଖାଳି ଗ୍ରାମର କଲେଜ ଛାତ୍ରୀ ପ୍ରମୋଦିନୀ ହତ୍ୟାକାଣ୍ଡରେ ଜଡ଼ିତ ଅପରାଧୀଙ୍କୁ ତୁରନ୍ତ ଗିରଫ କରାଯିବା, ପରୀ ମୃତ୍ୟୁ ଘଟଣାରେ ସାମିଲ ଥିବା ଅପରାଧୀଙ୍କୁ ସହାୟତା କରିଥିବା ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଇସ୍ତଫା ଦାବି ସହ ଦିଗପହଣ୍ଡି ସମବାୟ ଜମି ଦୁର୍ନୀତିରେ ସାମିଲ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରାଯିବା ଦାବିରେ ଏହି ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମ ହୋଇଥିଲା। ଭାଜପା କାର୍ଯ୍ୟକର୍ତ୍ତା ଶ୍ରୀକାନ୍ତ ପାଢ଼ୀ, ମହନ୍ତ ଚିନ୍ମୟାନନ୍ଦ ଦାସ, ପରେଶ ଚନ୍ଦ୍ର ରଥ, ଭବାନୀ ଶଙ୍କର ପଣ୍ଡା, ପ୍ରଶାନ୍ତ ପୂଜାରୀ, ଟୁନା ଚୌଧୁରୀ, ଖଲି ମହାପାତ୍ର, ବିଶ୍ୱନାଥ ପଣ୍ଡା, ସୀମାଞ୍ଚଳ ସାସ୍‌ମଲଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଦଳୀୟ କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


**OFFICE OF THE NOTIFIED AREA COUNCIL, KHALLIKOTE, GANJAM**

Letter No.1346 Date:4.12.2020

**"e" Procurement Notice**

**TENDER REFERENCE NO.-KIT-NAC-02/2020-21**

Bid documents consisting of work, estimated cost, cost of tender paper, EMD and time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| | | |
|---|---|---|
| 1. Name of the work | : | Civil & Electrical Construction works as mentioned in DTCN. |
| 2. No. of works | : | 04 Nos. |
| 3. Estimated cost | : | Rs.0.84 lakhs to Rs.8.45 lakhs |
| 4. Period of completion | : | 30 days to 45 days |
| 5. Date & time of bidding | : | 07.12.2020, 10.00 A.M. to 14.12.2020, 6.00 P.M. |
| 6. Last date & time for receipt of bids in the portal | : | 14.12.2020 upto 6.00 P.M. |
| 7. Bids received online shall be opened on | : | 16.12.2020 at 11.00 A.M. |
| 8. Name and address of the officer inviting bid | : | Executive Officer, NAC, Khallikote |

Further details can be seen from the procurement portal i.e. www.tendersorissa.gov.in.

Sd./- Executive Officer, NAC, Khallikote


# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବକ ଗିରଫ

ବାଲିଗୁଡ଼ା,୬।୧୨.(ଡି.ଏନ.ଏ.)

ବାଲିଗୁଡ଼ା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରାଯାଇଥିବା ଶନିବାର ଅଭିଯୋଗ ହୋଇଛି। ଯୁବତୀଙ୍କ ଏତଲାକୁ ଭିତ୍ତି କରି ବାଲିଗୁଡ଼ା ପୋଲିସ ନଂ. ୨୨୬/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତ ଡି. ଜେନ୍ସ ପାନୁଆଲଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ପାନୁଆଲ ସମ୍ପୃକ୍ତା ଯୁବତୀଙ୍କୁ ପ୍ରେମ ସମ୍ପର୍କ ରଖି ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ଏହି ସମୟରେ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ, କିନ୍ତୁ କୌଣସି କାରଣରୁ ଗର୍ଭଟି ନଷ୍ଟ ହୋଇଯାଇଥିଲା। ଏହାପରେ ପାନୁଆଲ ଯୁବତୀଙ୍କୁ ବିବାହ କରିବା ପାଇଁ କାଗଜପତ୍ର କରିଥିବା କହିଥିଲେ। ହେଲେ କିଛିଦିନ ପରେ ଯୁବତୀଙ୍କୁ ବିବାହ କରିବାକୁ ମନା କରି ଦେବାରୁ ପୀଡ଼ିତା ଥାନାର ଦ୍ୱାରସ୍ଥ ହୋଇଥିଲେ।

# ସେବା କରି ଲୋକଙ୍କ ଆସ୍ଥାଭାଜନ ହୁଅ

ଛତ୍ରପୁର,୬।୧୨(ଡି.ଏନ୍.ଏ.)

ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ରବିବାର ଗୃହରକ୍ଷୀ ବାହିନୀର ୫୮ତମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏସ୍‌ପି କହିଥିଲେ, କରୋନା ମହାମାରୀ ସମୟରେ ଗୃହରକ୍ଷୀମାନେ ଜୀବନକୁ ପାଣି ଛଡାଇ ଜନସାଧାରଣଙ୍କ ସେବା କରିଥିଲେ। କରୋନା ଯୋଦ୍ଧା ଭାବେ କାମ କରୁଥିବା ବେଳେ ଜିଲାର ୪୯ ଜଣ ଗୃହରକ୍ଷୀ ସଂକ୍ରମିତ ହୋଇଥିଲେ। ପରେ ସୁସ୍ଥ ହୋଇ ପୁଣି କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି। ପରିତାପର ବିଷୟ ତାରସିଂ ଥାନାର ଗୃହରକ୍ଷୀ ସତ୍ୟ ନାରାୟଣ ସେଠୀ କର୍ତ୍ତବ୍ୟ କରିବାବେଳେ କରୋନା ସଂକ୍ରମିତ ହୋଇ ଜୁଲାଇ ୨୯ରେ ପ୍ରାଣତ୍ୟାଗ କରିଥିଲେ। ନିଷ୍ଠାପର ସେବା କରି ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ଏସ୍‌ପି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଅଶୋକ କୁମାର ମହାନ୍ତି, ଏସ୍‌ଡିପିଓ ଗୌତମ କିଷାନ, ଡିଏସ୍‌ପି ଉତ୍କଳ କେଶରୀ ଦାସ, ଏସ୍. ପ୍ରଧାନ, ଇନ୍ସପେକ୍ଟର ସୁଦାମ ମଲ୍ଲିକ, ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ସର୍ଜେଣ୍ଟ ସଞ୍ଜୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

**ପାରଳାଖେମୁଣ୍ଡି:** ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଆରକ୍ଷୀ କାର୍ଯ୍ୟାଳୟ ପରିସରରେ ଥିବା ରିଜର୍ଭ ପୋଲିସ ପଡିଆଠାରେ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏସ୍‌ପି ତପନ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପ୍ରଥମେ ମୃତ୍ୟୁବରଣ କରିଥିବା ଗୃହରକ୍ଷୀଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧା-ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ପାରଳାଖେମୁଣ୍ଡି ଥାନାର ତାରିଣୀ ଜେନା, ଏମ. ଆପ୍ପା ରାଓ, ଏଲ ରାମରାଓ, ସତ୍ୟବାନ ଘାଣ୍ଟା, ଆର.ଉଦୟଗିରି ଥାନାର ବଳରାମ ପାଇକ ଏବଂ ସେରଙ୍ଗ ଥାନାର ଆନ୍ଦ୍ରିୟ ଷଡ଼ଙ୍ଗୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।


DSPL-123

सत्यमेव जयते

**Message of Hon'ble Governor**



The 'Armed Forces Flag Day' on 7th December provides a unique opportunity to the grateful nation and the proud citizens to solemnly reaffirm their obligation towards Armed Forces for their valiant services and supreme sacrifices in the defence of our motherland. It is a day to express our solidarity with the serving as well as retired defence personnel, the martyrs and their dependents. The voluntary donation to the Armed Forces Flag Day Fund is a small token of our gratitude meant for the welfare of these brave soldiers.

On this occasion, I extend my warm greetings to all ranks of the Armed Forces and their families and appeal to all citizens to contribute generously to the Flag Day Fund.

Jai Hind !

(Prof. Ganeshi Lal)
Governor, Odisha



DSPL-123

सत्यमेव जयते

**Message of Hon'ble Chief Minister**



On the occasion of Armed Forces Flag Day-2020, I extend my best wishes and greetings to Armed Forces personnel in Uniform, Ex-servicemen and their families.

The Armed Forces Flag Day offers us an opportunity to express our gratitude to the Armed Forces personnel who have set exemplary standards of dedication, patriotism and courage in protecting the unity and integrity of our country. They not only resolutely defend the borders of our great nation but also render valuable service during natural calamities and combating internal insurgencies.

By donating to the Armed Forces Flag Day Fund and proudly displaying the Flag, the nation expresses support for the gallant Armed Forces personnel of our country.

I appeal to all my fellow citizens to contribute generously to the Armed Forces Flag Day Fund, to support the welfare of Ex-servicemen and their families.

Jai Hind.

(Naveen Patnaik)
Chief Minister, Odisha

## ହେଲ୍ମେଟ ଯାଞ୍ଚ, ଜରିମାନା ଆଦାୟ

ବୁଗୁଡ଼ା (ଡି.ଏନ.ଏ.)- ବୁଗୁଡ଼ା ଥାନା ବାଲିପଦର ଛକରେ ରବିବାର ପୋଲିସ ପକ୍ଷରୁ ହେଲ୍ମେଟ ଯାଞ୍ଚ କଡ଼ାକଡ଼ି କରାଯାଇଛି। ବୁଗୁଡ଼ା ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରା, ଏଏସ୍ଆଇ ଯୁଧିଷ୍ଠିର ମହାକୁଡ଼ ଏବଂ ପୋଲିସ ଫୋର୍ସ ବାଲିପଦର ଛକରେ ଉପସ୍ଥିତ ରହି ବିନା ହେଲ୍ମେଟ ଓ ଓଭର୍‌ଲୋଡରେ ଯାତାୟାତ କରୁଥିବା ୩୦ ଜଣ ବାଇକ୍ ଚାଳକଙ୍କୁ ଧରି ସେମାନଙ୍କଠାରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ଏଥିସହ ଜଣଙ୍କର ବାଇକ୍ ଓ ତାଙ୍କର ଡିଏଲ୍ ଜବତ କରାଯାଇଛି। ପୋଲିସ ପକ୍ଷରୁ ବେଆଇନ ଭାବେ ଯାନବାହନ ଚାଳକଙ୍କୁ ସଚେତନ କରାଯାଇଥିଲା।

**ସଂକ୍ଷେପରେ**

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଗୋପାଳପୁର, ୬।୧୨-ଗୋଳନ୍ଥରା ଥାନା କନିଷି ହାଟ ତୁଲୁ ରାସ୍ତା ମଝିରେ ଏକ ବାଇକ୍ ଦୁର୍ଘଟଣାରେ ରବିବାର ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଆମ୍ବପୁଆ ଗ୍ରାମର ଦୟାନିଧି ସେଠୀ (୩୨), ଗୁରୁତର ହେଲେ ରମେଶ ଦାଶ। ଦୟାନିଧି ଓ ସାଥୀ ରମେଶ କୌଣସି କାମରେ ମାଝି ଗାଁକୁ ଯାଇଥିଲେ। ସେଠାରୁ ବାଇକ୍‌ରେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଅଭିମୁଖେ ଆସୁଥିବା ବେଳେ ପୂର୍ବାହ୍ନରେ ମାଝି ଗାଁ ବୁଲାଣି ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଦୟାନିଧିଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଦୟାନିଧିଙ୍କ ପରିବାର ପକ୍ଷରୁ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କ୍ରମେ ପୋଲିସ ନଂ. ୩୪୮/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ପୋଲିସ ଜବତ କରିଛି।

## ଗଞ୍ଜେଇ ଚାଷ ନଷ୍ଟ

ଆର.ଉଦୟଗିରି, ୬।୧୨(ଡି.ଏନ.ଏ.)- ଆର.ଉଦୟଗିରି ପୋଲିସ ଏବଂ ଅବକାରୀ ବିଭାଗ ରବିବାର ନୂଆଗଡ ବ୍ଲକର ଆଣ୍ଡୁଗୁରୁ ପଞ୍ଚାୟତ ଅନ୍ତର୍ଗତ ପାର୍ଟିପାଙ୍ଗା ଗ୍ରାମର ୯୪ ଏକର ଜଙ୍ଗଲ ଜମିରେ ଚାଷ ହୋଇଥିବା ବେଆଇନ ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରିଛି। ଗତ ଦୁଇ ସପ୍ତାହ ଧରି ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲାର ମୋହନା, ଆର.ଉଦୟଗିରି ଏବଂ ଅଡ଼ବା ଥାନା ଅଞ୍ଚଳରେ ଅପରେଶନ ଗ୍ରୀନ ହଣ୍ଟ ମାଧ୍ୟମରେ ଗଞ୍ଜେଇ ଚାଷ ନଷ୍ଟ ଅଭିଯାନ ଚାଲୁରହିଛି। ଆଗକୁ ମଧ୍ୟ ଏଭଳି ଚଢ଼ାଉ ଜାରି ରହିବ ବୋଲି ପୋଲିସ କହିଛନ୍ତି। ଏହି ଚଢ଼ାଉରେ ପୋଲିସ, ଅବକାରୀ ବିଭାଗ ସମେତ ରାଜସ୍ୱ ଏବଂ ବନବିଭାଗ କର୍ମଚାରୀ ସାମିଲ ଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବୁଗୁଡ଼ା,୬।୧୨(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ଗୋଳିଆ ପଞ୍ଚାୟତରେ ପ୍ରଥମ ଥର ପାଇଁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଚିରିକିପଡା ଗ୍ରାମରେ ମା' ବ୍ୟାଘ୍ରଦେବୀ ଯୁବ ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ବ୍ଲଡ୍ ବ୍ୟାଙ୍କ୍ ତରଫରୁ ଡାକ୍ତର ହରେକୃଷ୍ଣ ପଣ୍ଡାଙ୍କ ନେତୃତ୍ୱରେ ଏକ ଦଳ ସେଠାରେ ପହଞ୍ଚି ୩୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲା। ଉକ୍ତ ଶିବିରକୁ ସଂସଦ ସଭାପତି ସୁନୀଲ ବେହେରା ଓ ସମ୍ପାଦକ ସୁନୀଲ ରଥ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ। ଗୋଳିଆ ପଞ୍ଚାୟତର ପ୍ରଥମ ରକ୍ତଦାନ ଶିବିର ନିଜ ଗାଁରେ ହେଉଥିବା ହେତୁ ଏଥିରେ ଉତ୍ସାହିତ ହୋଇ ଦୁଇଜଣ କଲେଜ ଛାତ୍ରୀ ସୁଜାତା ମହାରଣା ଓ ମନସ୍ମିତା ପ୍ରଧାନ ସ୍ୱେଚ୍ଛାକୃତ ଭାବେ ପ୍ରଥମ ଥର ରକ୍ତଦାନ କରି ଗାଁ ଝିଅଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

## ବଜରଙ୍ଗ ଦଳର ସୌର୍ଯ୍ୟ ଦିବସ

ବ୍ରହ୍ମପୁର ଅଫିସ୍,୬।୧୨- ବଜରଙ୍ଗ ଦଳ ପକ୍ଷରୁ ମାନସ ଭବନଠାରେ ରବିବାର ସୌର୍ଯ୍ୟ ଦିବସ ପାଳିତ ହୋଇଯାଇଛି। ଆଜିର ଦିନରେ ଶ୍ରୀରାମ ଜନ୍ମଭୂମିରେ ବାବ୍‌ରୀ ମସଜିଦ୍‌କୁ ଭାଙ୍ଗି ରାମ ମନ୍ଦିର ନିର୍ମାଣ ପଥ ପରିଷ୍କାର କରାଯାଇଥିଲା। ଏହି ମର୍ମରେ ପ୍ରତି ବର୍ଷ ଆଜିର ଦିନକୁ ବଜରଙ୍ଗ ଦଳ ପକ୍ଷରୁ ସୌର୍ଯ୍ୟ ଦିବସ ଭାବେ ପାଳନ କରାଯାଉଛି। ରାମ ମନ୍ଦିର ନିର୍ମାଣାର୍ଥେ ଆନ୍ଦୋଳନରେ ସାମିଲ ହୋଇଥିବା ବ୍ରହ୍ମପୁର ସୂର୍ଯ୍ୟ ନାରାୟଣ ଦାଶଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସୁଶାନ୍ତ କୁମାର ବେହେରା, କୈଳାସ ପାତ୍ର, ପ୍ରଶାନ୍ତ ପାଢୀ ଓ ମିହିର ଡ଼ାକୁଆଙ୍କ ସମେତ ଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜାଗ୍ରତ କନ୍ଧମାଳର ବିକ୍ଷୋଭ, ଶୋଭାଯାତ୍ରା

ଫୁଲବାଣୀ ଅଫିସ, ୬।୧୨

ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ତିରୋଧାନ ଦିବସରେ ଜିଲାର ବିକାଶ ନିମନ୍ତେ ଗଠିତ ହୋଇଥିବା ଜାଗ୍ରତ କନ୍ଧମାଳ ପକ୍ଷରୁ ବିଭିନ୍ନ ଦାବି ନେଇ ଶୋଭାଯାତ୍ରା କରାଯାଇଛି। ସଂଗଠନର କର୍ମକର୍ତ୍ତା ଏବଂ ଅନ୍ୟମାନେ ମାଦିକୁନ୍ଦା ଛକରେ ଏକତ୍ରିତ ହୋଇ ବିଭିନ୍ନ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବାହାରିଥିଲେ। ସହର ପରିକ୍ରମା କରି ଫୁଲବାଣୀ ସାହିରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଉପସ୍ଥିତ କର୍ମକର୍ତ୍ତାମାନେ ସେମାନଙ୍କ ଦାବି ରଖିଥିଲେ।

ଜିଲାରେ ସମସ୍ତ ଡାକ୍ତରଖାନାରେ ଖାଲିଥିବା ଡାକ୍ତର ପଦବୀ ପୂରଣ, ଜିଲାକୁ ରେଳ ଲାଇନ ସଂଯୋଗ, କାଗଜ କଳ ପ୍ରତିଷ୍ଠା, ଗୋଚ୍ଛାପଡା ଏବଂ ବ୍ରାହ୍ମଣୀଗାଁକୁ ବ୍ଲକ ଘୋଷଣା, ଆମ୍ବ ପ୍ରକ୍ରିୟାକରଣ ଶିଳ୍ପ, ଶୀତଳ ଭଣ୍ଡାର ପ୍ରତିଷ୍ଠା ସହ ଚାଷୀଙ୍କ ନିମନ୍ତେ ସ୍ୱତନ୍ତ୍ର ଯୋଜନା, ଜିଲାକୁ ନିଶା ମୁକ୍ତ ଘୋଷଣା, ଆଦିବାସୀଙ୍କୁ ଜଂଗଲ ଜମି ଅଧିକାର ସହ ଦିଆଯାଇଥିବା ଜମି ପଟ୍ଟାର ଚିହ୍ନଟ, ଫୁଲବାଣୀ ସହରରେ ଜବରଦଖଲକାରୀଙ୍କ ସ୍ଥାୟୀ ସମାଧାନ, ଓବିସି ଏବଂ ସଂଖ୍ୟାଲଘୁଙ୍କ ନିମନ୍ତେ ପ୍ରତ୍ୟେକ ବ୍ଲକରେ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିବା, ଦଙ୍ଗାକୁ ଜାତୀୟ ବିପତ୍ତି ଘୋଷଣା ଆଦି ୨୧ ଦାବି ଉପରେ ଆଲୋଚନା କରାଯାଇଥିଲା।



ସହର ମଧ୍ୟରେ ଯାଉଥିବା ଶୋଭାଯାତ୍ରା।

**୨୧ ଦାବି ଉପରେ ଆଲୋଚନା**

ଜାଗ୍ରତ କନ୍ଧମାଳ ସଙ୍ଗଠନ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ସମ୍ପାଦକ ସତ୍ୟନାରାୟଣ ବେହେରା, ସାଧାରଣ ସମ୍ପାଦକ ବିଚିତ୍ର ପ୍ରଧାନ, ଖଣ୍ଡାୟତ ସମାଜ ଜିଲା ସଭାପତି ଚେତାବନ ପୂଜାରୀ, କନ୍ଧ ଗଉଡ ସମାଜ ଫିରିଙ୍ଗିଆ ସଭାପତି ପ୍ରେମାନନ୍ଦ ମାଝି, ଶ୍ରମିକ ନେତା ଘନ କୁମାର ଶବରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଏବଂ ସାଧାରଣ ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ରାସ୍ତାରେ ପଡ଼ି ମହିଳାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୬।୧୨

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଠୀ ଗ୍ରାମର ଜଣେ ମହିଳା ମଲା ମହାରଣା (୪୨) ରବିବାର ମନ୍ଦିରକୁ ଯାଉଥିବା ବେଳେ ରାସ୍ତାରେ ଥିବା ଏକ ପଥର ଖୁଣ୍ଟି ପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଖବର ପାଇ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ପ୍ରକାଶଯେ, ମଲାଙ୍କରର ୩ ଝିଅ। ସୋମବାର ତାଙ୍କ ବଡ ଝିଅ ସୁକାନ୍ତିଙ୍କର ବିବାହ ହୋଇଥାନ୍ତା। ରବିବାର ପରମ୍ପରା ଅନୁଯାୟୀ ଝିଅ ବାହାଘର ପୂର୍ବଦିନ ଘରେ ଭୋଜିଭାତର ଆୟୋଜନ ହୋଇଥିଲା।

**ଝିଅ ବାହାଘର ନୋହିଲା**

ଘରେ ବନ୍ଧୁବାନ୍ଧବଙ୍କ ଗହଳି ଆରମ୍ଭ ହୋଇଯାଇଥିଲା। ସୁକାନ୍ତିଙ୍କ ମା' ମଲା ଝିଅର ମାଙ୍ଗଳିକ କାର୍ଯ୍ୟ କିପରି ସୁରୁଖୁରୁରେ ହେବ ସେ କାମନା ନେଇ ସେ ମନ୍ଦିରକୁ ଯାଉଥିଲେ। ମନ୍ଦିର ନିକଟରେ ହିଁ ସେ ଖୁଣ୍ଟି ତଳେ ପଡିଯାଇଥିଲେ। ତାଙ୍କ ମୁଣ୍ଡରୁ ଗଭୀର ଆଘାତ ଲାଗିଥିଲା। ଘଟଣାସ୍ଥଳରୁ ସ୍ୱାମୀ ଉମା ଓ ବନ୍ଧୁ ଲୋକମାନେ ଗୁରୁତର ମଲାଙ୍କୁ ଏମ୍‌କେସିଜି ମେଡିକଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମା'ଙ୍କ ମୃତ୍ୟୁ ଖବର ଶୁଣି ସମସ୍ତେ ଦୁଃଖରେ ଭାଙ୍ଗି ପଡିଥିଲେ।

# ବ୍ରହ୍ମପୁରରେ ମସ୍ତିଷ୍କ ବିକୃତଙ୍କ ଉତ୍ପାତ

ବ୍ରହ୍ମପୁର ଅଫିସ,୬।୧୨

ବ୍ରହ୍ମପୁର ସହରରେ ଦୀର୍ଘଦିନ ଧରି ଜଣେ ମସ୍ତିଷ୍କ ବିକୃତ ମହିଳା ପଥର ଧରି ରାସ୍ତାରେ ଯାଉଥିବା ଲୋକଙ୍କ ଉପରକୁ ଫିଙ୍ଗୁଛନ୍ତି। ଲୋକମାନଙ୍କ ଏହି ଅଭିଯୋଗକୁ ନା ପୋଲିସ ନା ପ୍ରଶାସନ କେହି ଶୁଣୁ ନାହାନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି। ରବିବାର ମସ୍ତିଷ୍କବିକୃତ ମହିଳାଙ୍କ ପଥର ମାଡରେ ବାପ, ପୁଅ ଆହତ ହୋଇଛନ୍ତି। ସେ ହେଲେ ପାତ୍ରପୁର ବ୍ଲକ ସିଆର୍‌ସିସି ରତ୍ନାକର ପ୍ରଧାନ ଓ ତାଙ୍କ ୪ ବର୍ଷର ପୁଅ ତନ୍ମୟ। ଟାଟାବେଞ୍ଜ ଛକ ଦେଇ ଯାଉଥିବା ବେଳେ ରାସ୍ତାରେ ଠିଆ ହୋଇଥିବା ସମ୍ପୃକ୍ତା ମସ୍ତିଷ୍କ ବିକୃତ ମହିଳା ତାଙ୍କ ଉପରକୁ ୨ଟି ପଥର ଫିଙ୍ଗିଥିଲେ। ଗୋଟିଏ ତନ୍ମୟଙ୍କ ମୁଣ୍ଡରେ ବାଜିଥିବା ବେଳେ ଅନ୍ୟ ଏକ ରତ୍ନାକରଙ୍କ ପେଟରେ ବାଜିଥିଲା। ତନ୍ମୟଙ୍କ ମୁଣ୍ଡ ଫାଟିଯାଇଛି। ତାଙ୍କୁ

**ପଥରମାଡ଼ରେ ସିଆର୍‌ସିସି ଆହତ**

ନିକଟସ୍ଥ ଏକ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଛି। ପରେ ରତ୍ନାକର ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ସେଠାରେ ପୋଲିସ ନିଜକୁ ଅସହାୟ ବୋଲି କହିଥିଲା। ପୋଲିସ ଉପରକୁ ମଧ୍ୟ ଉକ୍ତ ମହିଳା ପଥର ଫିଙ୍ଗୁଛି, ଆମେ ତାଙ୍କର କିଛି କରିପାରୁନାହୁଁ ବୋଲି କହି ଆହତଙ୍କୁ ଥାନାରୁ ପଠାଇ ଦେଇଥିଲେ। ଏନେଇ ବ୍ରହ୍ମପୁର ଉପ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ସହ ଯୋଗାଯୋଗ ବେଳେ ସେ କୁହନ୍ତି, ଜଣେ ମସ୍ତିଷ୍କ ବିକୃତ ମହିଳା ପୁରୁଣା ବସ୍‌ଷ୍ଟାଣ୍ଡଠାରୁ କମାପଲ୍ଲୀ ପର୍ଯ୍ୟନ୍ତ ଘୂରି ବୁଲୁଥିବା ନେଇ ସେ ଜାଣିବାକୁ ପାଇଛନ୍ତି। ତାଙ୍କୁ ଥଇଥାନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୯ଡିଗ୍ରୀ

ଦାରିଙ୍ଗବାଡି,୬।୧୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡିରେ ପ୍ରବଳ ଶୀତ ଅନୁଭୂତ ହେଉଛି। ରବିବାର ତାପମାତ୍ର ୯ଡିଗ୍ରୀ ରହିଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ ଦାରିଙ୍ଗବାଡିରେ ଶୀତ ଆସିବା ବିଳମ୍ବ ହେବାସହ ତାପମାତ୍ରା ୧୫ ଡିଗ୍ରୀରୁ ଖସୁନଥିଲା। ନଭେମ୍ବର ୨୪ରେ ପାରଦ ୯ଡିଗ୍ରୀ ଛୁଇଁଥିବାବେଳେ ପୁଣି ତାପମାତ୍ରା ବୃଦ୍ଧି ପାଇଥିଲା। ରବିବାର ପୁଣି ହ୍ରାସ ପାଇଛି। ଶୀତର ମଜାନେବାକୁ ସ୍ଥାନୀୟ ଲୋକେ ସକାଳୁ ଉଠି ବୁଲାବୁଲି କରୁଥିବାବେଳେ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବଢୁଛି। ଘନ କୁହୁଡିରେ ଦାରିଙ୍ଗବାଡିର ପର୍ଯ୍ୟଟନକେନ୍ଦ୍ର କଫି ବଗିଚା ସମେତ ପାଇନବଣ, ମିଡିୟୁବାନ୍ଧା ଜଳପ୍ରପାତ, ଲଭର୍ସ ପଏଣ୍ଟ, ନେଚରପାର୍କ, ସାଇଲେଣ୍ଟ ଭ୍ୟାଲି ଆଦି ସ୍ଥାନରେ ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ବିଗତବର୍ଷ ପରି ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳୁନାହିଁ। କାରଣ କରୋନା କଟକଣା ଯୋଗୁ ଏସବୁ ସ୍ଥାନକୁ ଯିବାକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ଶୀତଦାଉରୁ ରକ୍ଷା ପାଇବାକୁ ସ୍ଥାନେ ସ୍ଥାନେ ଲୋକେ ନିଆଁ ଜାଳି ବସୁଛନ୍ତି। ଦାରିଙ୍ଗବାଡିରେ ଥିବା ହୋଟେଲ ସମେତ କଟେଜ ଗୁଡିକରେ ମଧ୍ୟ ଭିଡ ଜମିଲାଣି।



ଶୀତରୁ ରକ୍ଷା ପାଇବାକୁ ଲୋକେ ନିଆଁ ଜାଳି ଏକାଠି ହୋଇଛନ୍ତି।

## ହାତୀ, ବାର୍‌ହା ଉପଦ୍ରବରେ ଫସଲ ନଷ୍ଟ

### ୯୫ ହଜାର କ୍ଷତିପୂରଣ ପ୍ରଦାନ

ବୁଗୁଡ଼ା, ୬।୧୨(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ବିଭିନ୍ନ ଗ୍ରାମ ନିକଟବର୍ତ୍ତୀ ଫସଲ କିଆରିରେ ପ୍ରାୟ ୮ ମାସ ହେଲା ହାତୀ ଓ ବାର୍‌ହା ପଲ ପଶି ଖାଇବା ସହ ୧୫୦ ଭରଣ ଧାନ ଫସଲ ନଷ୍ଟ କରିଛନ୍ତି। ଏ ନେଇ ଗତ ଏପ୍ରିଲରୁ ବର୍ତ୍ତମାନ ଯାଏ ୭୦ ଜଣ ଚାଷୀ ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କୁ ଆବେଦନ କରିଥିଲେ। ଆବେଦନର ତଦନ୍ତ କରାଯାଇ ସେମାନଙ୍କର ଦାବିପତ୍ର ଉପରିସ୍ଥ ଅଧିକାରୀଙ୍କୁ ପଠାଯାଇଥିଲା। ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୦ ଜଣ ଚାଷୀଙ୍କୁ କ୍ଷତିପୂରଣ ବାବଦରେ ୯୫ ହଜାର ଟଙ୍କା ଚେକ୍ ଆକାରରେ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା କହିଛନ୍ତି। ଅବଶିଷ୍ଟ ଚାଷୀଙ୍କର ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ସେ କହିଥିଲେ। ବିଭିନ୍ନ ସମୟରେ ବନାଞ୍ଚଳରେ ହାତୀପଲ ଦେଖାଯାଉଥିବା ବେଳେ ବର୍ତ୍ତମାନ ଏଠାରେ ହାତୀପଲ ଦେଖିବାକୁ ମିଳୁ ନ ଥିବାରୁ ଚାଷୀ ଆଶ୍ୱସ୍ତିକର ହୋଇଛି।

# ୩ ଲୁଟେରା ଗିରଫ, ବହୁ ସାମଗ୍ରୀ ଜବତ

ଗଞ୍ଜାମ, ୬।୧୨(ଡି.ଏନ.ଏ.)

ରମ୍ଭା ଥାନା ଅଞ୍ଚଳରେ ଥିବା ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରୁ ମୂଲ୍ୟବାନ୍ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏତଲା ପରେ ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନଙ୍କ ନେତୃତ୍ୱରେ ରମ୍ଭା ଖଲ୍ଲିକୋଟ ଓ ଗଞ୍ଜାମ ଥାନା ଏବଂ ହୁମା ଫାଣ୍ଡି ପୋଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିଲା। ଏହି ମାମଲାରେ ନଂ. ୪୧୩/୨୦ ଅନୁଯାୟୀ ରବିବାର ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ସନ୍ତୋଷ କୁମାର ଜେନା (୨୨), ପ୍ରଶାନ୍ତ କୁମାର ଜେନା (୨୬) ଓ ଜିତେନ୍ଦ୍ର ମହାରଣା (୨୧)। କୋଭିଡ୍ ସମୟରେ ଗଞ୍ଜାମ ବ୍ଲକ ଅଞ୍ଚଳର ରଘୁନାଥପୁର, ବେଲପଡା, ବୋରିଗାଁ, ଲୁଂଘରି, ନୀଳାଦ୍ରିପୁରଗଡ଼ ହୁମା, ସାନ ଆର୍ଜିପଲ୍ଲୀ, ବଡ଼ ଆର୍ଜିପଲ୍ଲୀ ଆଦି ବାତ୍ୟା ଆଶ୍ରୟସ୍ଥଳୀରୁ ସିସିଟିଭି, ୬ଟି ଏଲ୍‌ଇଡି ଟିଭି, ୱାଟର ହିଟର, ଇନ୍‌ଭର୍ଟର, ଫୋନ ଓ ଟାଟା ସ୍କାଏ ମେଶିନ ଆଦି ଚୋରି ହୋଇଥିଲା। ହୁମା ସାଇନଗରର ଏକ ଘରେ ପୋଲିସ ଚଢ଼ାଉ କରି ଚୋରି ସାମଗ୍ରୀ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସମସ୍ତଙ୍କ ଘର ପୁରୀ ଜିଲା ବଡ଼ଝାର ବୋଲି ଖବରଦାତା ସମ୍ମିଳନୀ ଜରିଆରେ ଆଡିସିନାଲ ଏସ୍‌ପି ଠାକୁର ପ୍ରସାଦ ପାତ୍ର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ନାଁରେ ରମ୍ଭା ଥାନାରେ ୭, ମେରାଇନ୍ ଥାନାରେ ୨ ଓ ପୁରୀ ଜିଲା କୃଷ୍ଣପ୍ରସାଦ ଥାନାରେ ୪ ମାମଲା ରହିଥିବା ଏଏସ୍‌ପି କହିଛନ୍ତି।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବାଚସ୍ପତି

ଦିଗପହଣ୍ଡି,୬।୧୨(ଡି.ଏନ.ଏ.)

ଦିଗପହଣ୍ଡି ବିଧାୟକ ତଥା ଓଡ଼ିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ରବିବାର ଦିଗପହଣ୍ଡି ଗସ୍ତରେ ଆସି ବଡ଼ଡୁମୁଲା ପଞ୍ଚାୟତ ଅଧୀନ ବାଗଡ଼ା ଏବଂ ସୁମନ୍ତପୁର ଗ୍ରାମରେ ପହଞ୍ଚି ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ, ଉଦ୍‌ଘାଟନ କରିଛନ୍ତି। ବାଚସ୍ପତି ଏବଂ ଏମ୍‌ପିଙ୍କୁ ମଧ୍ୟାହ୍ନରେ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ ନିକଟ ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଭି. ରବି ନାରାୟଣ ରାଜୁ, ହୃଦୟରଞ୍ଜନ ମେକାପ, ଉପାଧ୍ୟକ୍ଷ ପ୍ରଦୀପ୍ତ କୁମାର ପଟ୍ଟନାୟକ, ଲକ୍ଷ୍ମୀ ନୃସିଂହ ମାର୍ଥା, ଯୁଧିଷ୍ଠିର ସ୍ୱାଇଁ, ଚନ୍ଦ୍ରଧ୍ୱଜ ସିଂହ, ଜିତେନ୍ଦ୍ର ମାର୍ଥା, ନିଗମ ପ୍ରସାଦ ପଣ୍ଡା, ଲକ୍ଷ୍ମୀ ନାରାୟଣ ପାଢ଼ୀ, ମାଗି ସେଠୀ, ନୀଳମାଧବ ଗୌଡ଼, ଶିବଶଙ୍କର ଗୌଡ଼, ବିନୋଦ ଚନ୍ଦ୍ର ଗୌଡ଼, ଟୁନା ସେଠୀ ପ୍ରମୁଖ ବିଜେଡି କର୍ମୀ ସମ୍ବର୍ଦ୍ଧନା ସ୍ଥଳରେ ଉପସ୍ଥିତ ଥିଲେ। ଏହାପରେ ଅତିଥି ଦ୍ୱୟ ବାଗଡ଼ା ଗ୍ରାମରେ ପହଞ୍ଚି ୫ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ କଲ୍ୟାଣ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ସେହିପରି ସୁମନ୍ତପୁର ଗ୍ରାମରେ ୪୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥି ଦ୍ୱୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଡିଓ ହଳଧର ଶବର, ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରତିନିଧି ଏମ୍. ନିରଞ୍ଜନ ରେଡ୍ଡୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଉପନିର୍ବାହୀ ଯନ୍ତ୍ରୀ ଇଂ. କେ .ମୋହନ ପାତ୍ର, କନିଷ୍ଠ ଯନ୍ତ୍ରୀ ଇଂ. ଜ୍ୟୋତି ପ୍ରସାଦ ବିଶ୍ୱାସରାୟ, ସରପଞ୍ଚ ବି. କ୍ରିଷ୍ଣା ରାଓ ସୁବୁଦ୍ଧି, ବିଭୂତି ଭୂଷଣ ମହାପାତ୍ର, ଲକ୍ଷ୍ମୀ ସେଠୀ, କେ. ହରିବନ୍ଧୁ ରେଡ୍ଡୀ, ରମେଶ ଚନ୍ଦ୍ର ପାତ୍ର, ରାଜେନ୍ଦ୍ର ଦୋରା, ରମେଶ ଚନ୍ଦ୍ର ପାଢ଼ୀ, କେ. ସଞ୍ଜୀବ କୁମାର ରେଡ୍ଡୀ, ରାଧାକାନ୍ତ ମହାକୁଡ଼, କାହ୍ନୁ ଚରଣ ପାତ୍ର, ରାମକୃଷ୍ଣ ପାଢ଼ୀ, ସମୀର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ସୁମନ୍ତପୁର ଗ୍ରାମବାସୀ ବାଚସ୍ପତିଙ୍କୁ ଉଦ୍‌ଘାଟନ ସ୍ଥଳକୁ ପାଛୋଟି ନେଉଛନ୍ତି।

## ଭାଜପା ଆସିକା ରୋଡ୍ ମଣ୍ଡଳର ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର ଅଫିସ,୬।୧୨

ଭାଜପା ଆସିକା ରୋଡ଼ ମଣ୍ଡଳ ପକ୍ଷରୁ ରବିବାର ଜେନା ସାହିସ୍ଥିତ ରଘୁନାଥମଠାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରପ୍ରେମ, ଭାଜପା ପ୍ରତି ସମର୍ପଣ, କାର୍ଯ୍ୟକର୍ତ୍ତାଙ୍କ ବିକାଶ, ସାମାଜିକ ବିକାଶ, ରାଷ୍ଟ୍ରଗଠନ ଓ ସାମାଜିକ ଗଣମାଧ୍ୟମର ଉପଯୋଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଭାଜପା ଜିଲା ସଭାପତି ବିଭୂତି ଭୂଷଣ ଜେନା ଶିବିରକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ସରୋଜ ସାବତ, ଡ.ସୁବାସ ସାହୁ, ମଦନ ପାତ୍ର, ପ୍ରଭାତ ଷଡ଼ଙ୍ଗୀ ଓ ଶିବ ଶତପଥୀ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବମୋର୍ଚ୍ଚା ସମ୍ପାଦକ କିରଣ କୁମାର ସାହୁ, ମଧୁ ସୂଦନ ସାହୁ ଓ ଚନ୍ଦନ କୁମାରଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

ଗଞ୍ଜାମ,୬।୧୨(ଡି.ଏନ.ଏ.)

ଗଞ୍ଜାମ ସହରସ୍ଥିତ ପୋତାଗଡ଼ଠାରେ ରବିବାର ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଦଳୀୟ ନେତୃବୃନ୍ଦଙ୍କ ସହ ଦଳୀୟ ସଂଗଠନ ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଆସନ୍ତା ସପ୍ତାହରେ ଘରପଟ୍ଟା ବଣ୍ଟନ କରାଯିବାକୁ ପ୍ରଶାସନ ସ୍ତରରେ ଆଲୋଚନା ହୋଇଥିବା ବିଧାୟକ ସୂଚନା ଦେଇଥିଲେ। କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟର ଶୀଘ୍ର ଟେଣ୍ଡର କରାଯାଇ କାମ ଆରମ୍ଭ ହେବ ବୋଲି ବିଧାୟକ କହିଛନ୍ତି। ସ୍ଥାନୀୟ ଲୋକଙ୍କ ସମସ୍ୟା ବୁଝିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏଥିରେ ନଗର ସଭାପତି ପି ରାଜୁ ରେଡ୍ଡୀ, ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ, ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି, ପୂର୍ବତନ କାଉନ୍‌ସିଲର ଦଣ୍ଡପାଣି ପରିଡ଼ା, ପୂର୍ବତନ ଉପନଗରପାଳ ନୀଳାଞ୍ଚଳ ବାରିକି, ଏନ୍‌ଏସି ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ଯୁବ ନେତା ରାକେଶ ରଞ୍ଜନ ଦାସ, ମନୋଜ ପ୍ରଧାନ, ଜିତୁ ପଣ୍ଡା, ସୀମାଞ୍ଚଳ ସାହୁ, ଗୁଗୁନା ବାରିକିଙ୍କ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ।

# ରାସ୍ତା କଡ଼ରେ ଥିବା କାର୍ ଜଳିଗଲା

ବ୍ରହ୍ମପୁର ଅଫିସ,୬।୧୨

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଗୋବିନ୍ଦ ବିହାର ରାସ୍ତା କଡରେ ଥିବା ଗୋଟିଏ କାର ଜଳିଯାଇଛି। ଏହାସହିତ ଉକ୍ତ କାର ନିକଟରେ ଥିବା ଅନ୍ୟ ଏକ କାର ମଧ୍ୟ ଆଂଶିକ ଭାବେ ପୋଡିଯାଇଛି। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

ଘଟଣାରୁ ପ୍ରକାଶ, ଗୋବିନ୍ଦ ବିହାରରେ ରହୁଥିବା ଡମ୍ବରୁଧର ଭଞ୍ଜ ପ୍ରତିଦିନ ଭଳି ଶନିବାର ରାତିରେ ତାଙ୍କ କାର (ନଂ ଓଡ଼ି ୦୭କ୍ୟୁ-୧୬୧୬) ଘର ସମ୍ମୁଖରେ ପାର୍କିଂ କରିଥିଲେ। ସେହିଭଳି ଆତ୍ମଜ ମହାପାତ୍ରଙ୍କ ଏକ କାର (ନଂ ଓଆର ୦୨ଏପି ୭୬୫୪) ମଧ୍ୟ ଉକ୍ତ କାର ନିକଟରେ ପାର୍କିଂ ହୋଇଥିଲା। ଶନିବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୨ଟା ବେଳେ ଡମ୍ବରୁଧରଙ୍କ କାରରେ ନିଆଁ ଲାଗିଯାଇଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର କରିଥିଲେ। ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଡମ୍ବରୁଧରଙ୍କ କାରଟି ସମ୍ପୂର୍ଣ ଜଳି ଯାଇଛି। ଅନ୍ୟପଟେ ଆତ୍ମଜଙ୍କ କାରଟି ଆଂଶିକ ଭାବେ ପୋଡିଯାଇଥିଲା। କାରରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଗାଡି ମାଲିକ କହୁଥିବା ବେଳେ ନିଆଁ କିପରି ଲାଗିଛି ସେନେଇ ଅଗ୍ନିଶମ ବିଭାଗ ସ୍ପଷ୍ଟ ଭାବେ କହିପାରୁନାହିଁ।



ଜଳିଯାଇଥିବା କାର୍।

# ଉଲ୍ଲେଖନୀୟ ସେବା ପାଇଁ ୨୬ ଗୃହରକ୍ଷୀ ସମ୍ମାନିତ

ବ୍ରହ୍ମପୁର ଅଫିସ,୬।୧୨

ବ୍ରହ୍ମପୁର ଆମ୍ବପୁଆ ରିଜର୍ଭ ପୋଲିସ ପଡ଼ିଆରେ ରବିବାର ୫୮ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ପଢ଼ି ଶୁଣାଇଥିଲେ। ଆଇନ ଶୃଙ୍ଖଳା, ପ୍ରାକୃତିକ ବିପର୍ଯ୍ୟୟ, ଟ୍ରାଫିକ ନିୟନ୍ତ୍ରଣ ଆଦି ପ୍ରତ୍ୟେକ କ୍ଷେତ୍ରରେ ଗୃହରକ୍ଷୀଙ୍କ କାର୍ଯ୍ୟଦକ୍ଷତା ପ୍ରଶଂସନୀୟ ବୋଲି ଡିଆଇଜି ଭୋଇ କହିଥିଲେ। ଏହାସହିତ କରୋନା ସମୟରେ ଗୃହରକ୍ଷୀମାନେ ଯେଉଁଭଳି ଲୋକଙ୍କ ନିକଟତର ହୋଇ ସେବା ଯୋଗାଇଛନ୍ତି ତାହା ପ୍ରଶଂସନୀୟ। ବିଭିନ୍ନ କ୍ଷେତ୍ରରେ କରୋନା ସମୟରେ କାର୍ଯ୍ୟ କରିଥିବା ୨୬ ଗୃହରକ୍ଷୀଙ୍କୁ ଅତିଥିମାନେ ସମ୍ମାନିତ କରିଛନ୍ତି। ୫୦୦ ଟଙ୍କା ଆର୍ଥିକ ପୁରସ୍କାର ଓ ମାନପତ୍ର ପ୍ରଦାନ କରି ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ବ୍ରହ୍ମପୁର ଏସ୍‌ପି ପିନାକ



ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ଡିଆଇଜି ସତ୍ୟବ୍ରତ ଭୋଇ ।

**୫୮ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ**

ମିଶ୍ର ଯୋଗଦେଇ ଗୃହରକ୍ଷୀଙ୍କ ଉଲ୍ଲେଖନୀୟ କାମ ପାଇଁ ସେମାନଙ୍କୁ ପ୍ରଶଂସିତ କରିଥିଲେ। ଗୃହରକ୍ଷୀଙ୍କ ସହାୟତାରେ ସହଜରେ ବିଭିନ୍ନ ପ୍ରକାର କାର୍ଯ୍ୟ ସମ୍ପାଦନ ହୋଇପାରୁଛି ବୋଲି ଏସ୍‌ପି ମିଶ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ, ପ୍ରଶାନ୍ତ କୁମାର ମିଶ୍ର, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ଆରଆଇ ଦିଲୀପ ବେହେରା ଓ ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ।

